# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 January - 2025**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତିରେ ପରିଣତ କରିବାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କହିଲେ, ପ୍ରଧାନମନ୍ତ୍ରୀ

— ଭୁବନେଶ୍ୱର ଜନତା ମଇଦାନରେ ଆଜିଠାରୁ ଆରମ୍ଭ ହେଲା ଦୁଇଦିନିଆ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମିଳନୀ

- ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ
- ଆକାଶବାଣୀ କଟକ କେନ୍ଦ୍ର ଆଜି ପାଳନ କରୁଛି ତା'ର ୭୮ତମ ପ୍ରତିଷ୍ଠା ଦିବସ

ଏବଂ

- ଡେରାଡୁନ୍‌ଠାରେ ୩୮ତମ ଜାତୀୟ କ୍ରୀଡାକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

— ହକି ଇଣ୍ଡିଆ ଲିଗ୍‌ର ପୁରୁଷବର୍ଗରେ ବିର୍ସାମୁଣ୍ଡା ଷ୍ଟାଡିୟମ୍‌ଠାରେ ଟିମ୍ ଗୋନାସିକା ଏବଂ ହାଇଦ୍ରାବାଦ୍ ତୁଫାନ୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍

# ଉତ୍କର୍ଷ ଓଡ଼ିଶା ସମ୍ମେଳନ

ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସମ୍ଭାବନା ରହିଛି ଏବଂ ରାଜ୍ୟ ନିବେଶକ ଏବଂ ଶିଳ୍ପପତିମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଭୁବନେଶ୍ୱରର ଜନତା ମଇଦାନଠାରେ ଆଜିଠାରୁ ଦୁଇଦିନିଆ 'ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା' ସମ୍ମେଳନକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶା ଖୁବ୍ ଶୀଘ୍ର ଉଚ୍ଚତର ଶିଖରରେ ପହଞ୍ଚିବ ଏବଂ ଶିଳ୍ପ ବିକାଶର ପ୍ରତୀକ ହେବ। ଶ୍ରୀ ମୋଦୀ କହିଛନ୍ତି, ଓଡ଼ିଶା ହେଉଛି ନୂତନ ଆକାଂକ୍ଷା, ସୁଯୋଗ ଏବଂ ଆଶାବାଦର ଭୂମି। ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ପ୍ରଧାନମନ୍ତ୍ରୀ ହେବା ପରଠାରୁ ସେ ପ୍ରାୟ ୩୦ ଥର ଓଡ଼ିଶା ଆସିଛନ୍ତି। ଓଡ଼ିଶାକୁ ପ୍ରାଥମିକତା ଦେଇଛନ୍ତି ଏବଂ ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି କରିବା ଦିଗରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀ ମୋଦୀ କହିଛନ୍ତି, ଓଡ଼ିଶାବାସୀଙ୍କ କ୍ଷମତା ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ  ରହିଛି। ରାଜ୍ୟକୁ ସର୍ବୋତ୍ତମ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ରାଜ୍ୟ ରୂପେ ଗଢ଼ି ତୋଳିବାର ସାମର୍ଥ୍ୟ ରହିଛି।

**- V/O -**

ପ୍ରଧାନମନ୍ତ୍ରୀ' ନିବେଶକ ଏବଂ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଯୁବକମାନଙ୍କ ଦ୍ୱାରା ଷ୍ଟାର୍ଟଅପ୍, ଗବେଷଣା ଏବଂ ନବସୃଜନ କାର୍ଯ୍ୟଗୁଡ଼ିକୁ ସମର୍ଥନ କରିବାକୁ ଆହ୍ୱାନ ଦେବା ସହିତ ଏସବୁ

କ୍ଷେତ୍ରରେ ସରକାର ସମସ୍ତ ସହାୟତା ଯୋଗାଇଦେବ ବୋଲି କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉତ୍କର୍ଷ ଓଡ଼ିଶା ଗ୍ୟାଲେରୀ ପରିଦର୍ଶନ କରିଥିଲେ।

ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି, ଏକକ ବାତାୟନ୍ ବ୍ୟବସ୍ଥା ଜରିଆରେ ସମସ୍ତ ପ୍ରକାର ପ୍ରତିବନ୍ଧକ ଦୂର କରାଯାଇପାରିଛି। ପ୍ରଧାନମନ୍ତ୍ରୀ ଭାରତକୁ ତୃତୀୟ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର କରିବାକୁ ଚାହୁଥିବାରୁ ରାଜ୍ୟ ସରକାର ମଧ୍ୟ ଏହି ଉଦ୍ୟମରେ ସାମିଲ ହେବ। ମୁଖ୍ୟମନ୍ତ୍ରୀ ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିଛନ୍ତି।

## - V/O -

ଏହି ଦୁଇଦିନିଆ ସମ୍ମିଳନୀରେ ଓଡ଼ିଶା ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ଆକର୍ଷିତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସମ୍ମିଳନୀରେ ପ୍ରାୟ ୧୦୦ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ଥିବାବେଳେ ୩ ଲକ୍ଷ ୫୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ସରକାର ଆଶା ରଖିଛନ୍ତି।

ଉଦଘାଟନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଏବଂ ଅନ୍ୟାନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଭାରତ ଏବଂ ୧୨ଟି

ଦେଶର ରାଷ୍ଟ୍ରଦୂତ, ନିବେଶକ ଏବଂ ଶିଳ୍ପପତିଙ୍କ ସମେତ ପ୍ରାୟ ୭ ହଜାର ପ୍ରତିନିଧି ଏହି ବ୍ୟବସାୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ସୂଚନା ମିଳିଛି।

## ଇ-କେଓ୍ୱାଇସି ଅପ୍‌ଡେଟ୍

ରାସନକାର୍ଡ ସହିତ ଇ-କେଓ୍ୱାଇସି ସଂଯୋଗ ଏବଂ ଅପ୍‌ଡେଟ୍ କାର୍ଯ୍ୟ ଚଳିତ ମାସ ଶେଷ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରାଜ୍ୟରେ ବର୍ତ୍ତମାନସୁଦ୍ଧା ପ୍ରାୟ ୩ କୋଟି ୩୫ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ପ୍ରାୟ ୨ କୋଟି ୯୪ ଲକ୍ଷ ୫୯ ହଜାର ହିତାଧିକାରୀଙ୍କ ଇ-କେଓ୍ୱାଇସି ଶେଷ ହୋଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସହରାଞ୍ଚଳ ସୃଷ୍ଟି

ବିକଶିତ ଓଡ଼ିଶା-ବିକଶିତ ସହର ଯୋଜନାକୁ ରାଜ୍ୟରେ ଲାଗୁ କରାଯାଇ ବିକଶିତ ସହର ବୃଦ୍ଧି କରିବା ନେଇ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଲୋକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ-ଘରୋଇର ମିଳିତ ସହଯୋଗରେ ସରକାରୀ ଜମିଗୁଡ଼ିକର ସଦୁପଯୋଗ କରି ସହରାଞ୍ଚଳ ସୃଷ୍ଟି କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ସମ୍ପର୍କିତ ଏକ ବୈଠକରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ୧୭ ପ୍ରତିଶତ ସହର ରହିଛି।

୨୦୩୬ ମସିହା ସୁଦ୍ଧା ରାଜ୍ୟରେ ୩୦ ପ୍ରତିଶତ ସହରାଞ୍ଚଳ ସୃଷ୍ଟି କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ଆକାଶବାଣୀ ପ୍ରତିଷ୍ଠା ଦିବସ

ଆକାଶବାଣୀ କଟକ କେନ୍ଦ୍ର ଆଜି ତା'ର ୭୮ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ୧୯୪୮ ମସିହା ଆଜିର ଦିନରେ କଟକଠାରେ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ବିଭିନ୍ନ ବର୍ଗର ଶ୍ରୋତାଙ୍କ ପାଇଁ ଭିନ୍ନ ଭିନ୍ନ ସ୍ୱାଦର କାର୍ଯ୍ୟକ୍ରମ ପରିବେଷଣ କରି ଆକାଶବାଣୀ କଟକ ଶ୍ରୋତାଙ୍କ ପ୍ରିୟଭାଜନ ହୋଇପାରିଛି। ଆକାଶବାଣୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମଗୁଡ଼ିକ ମୋବାଇଲ୍ ଆପ୍ ମାଧ୍ୟମରେ ଉପଲବ୍ଧ ହେଉଛି । ଯାହାକୁ ଦେଶ ବିଦେଶର ଶ୍ରୋତାମାନେ ଅନାୟାସରେ ଶୁଣିପାରୁଛନ୍ତି ।

## ପିଏମ୍-ନ୍ୟାସନାଲ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରାଖଣ୍ଡ ଡେରାଡୁନ୍‌ର ମହାରାଣା ପ୍ରତାପ ଷ୍ଟାଡିୟମ୍‌ରେ ୩୧ତମ ଜାତୀୟ କ୍ରୀଡ଼ାକୁ ଉଦ୍‌ଘାଟନ କରିବେ । ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଭାରତୀୟ ଅଲିମ୍ପିକ୍ ସଂଘ ଏବଂ ଜାତୀୟ ସ୍ତରୀୟ ଖେଳାଳିମାନେ ଯୋଗଦେବେ । ୧୮ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି କ୍ରୀଡ଼ା ମହୋତ୍ସବରେ ପ୍ରାୟ ୧୦ ହଜାର

ଆଥ୍‌ଲେଟ୍ ଏବଂ ୩୮ ଦଳର କର୍ମକର୍ତ୍ତା ଅଂଶ ଗ୍ରହଣ କରିବେ । ଓଡ଼ିଶାରୁ ୩୦୨ ଜଣ କ୍ରୀଡ଼ାବିତ୍ ୨୬ଟି ବର୍ଗରେ ଅଂଶ ଗ୍ରହଣ କରୁଛନ୍ତି ।

## ସମୀକ୍ଷା

**ରାୟଗଡ଼ା** ଜିଲ୍ଲାରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଉନ୍ନୟନ ସମନ୍ୱୟ ପର୍ଯ୍ୟାଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୃଷି ଯୋଜନା ସହିତ ଅନ୍ୟ ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା ।

## ହୁଣ୍ଡିରୁ ନଗଦ

ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡିରୁ ୯୪ ଲକ୍ଷ ୪୯ ହଜାର ଟଙ୍କା ମିଳିବା ସହିତ ୯୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଏବଂ ୨ କିଲୋଗ୍ରାମ ୧୭୦ ଗ୍ରାମ ରୁପା ମିଳିଛି । ମାଜିଷ୍ଟ୍ରେଟ୍ ଓ ପୁଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗତ ରବିବାର ଦିନ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା ।

## ରଥକାଠ

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ବନାଞ୍ଚଳରୁ ପ୍ରଥମ ପର୍ଯ୍ୟାୟରେ ୩ଟି ଟ୍ରକ୍ ଯୋଗେ ୧୦୧ ଖଣ୍ଡ ଅସନ, ଧଉରା କାଠ ପୁରୀ ରଥଖଳାକୁ ପଠାଯାଇଛି ।

ପରମ୍ପରା ଅନୁଯାୟୀ, ରଥକାଠ ବୋଝେଇ ଟ୍ରକ୍‌ଗୁଡ଼ିକୁ ଦଶପଲ୍ଲାର ମହାବୀର ମନ୍ଦିର ଏବଂ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ପରେ ପୁରୀ ରଥଖଳାକୁ ପଠାଯାଇଥିଲା । ସୂଚନାଯୋଗ୍ୟ, ଚଳିତବର୍ଷ ରଥଯାତ୍ରା ନିମନ୍ତେ ସମୁଦାୟ ୮୬୫ ଖଣ୍ଡ ଅସନ, ଧଉରା, ଶିମିଳି ଏବଂ ଫାଶୀ କାଠର ଆବଶ୍ୟକତା ରହିଛି ।

## ଡାଟା ଗୋପନୀୟତା ଦିବସ

ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଏବଂ ଗୋପନୀୟତା ରକ୍ଷା କରିବା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଡାଟା ଗୋପନୀୟତା ଦିବସ ଭାବେ ପାଳନ କରାଯାଉଛି । ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଲାଗି ପ୍ରଯୁକ୍ତିବିଦ୍ୟା ଉପକରଣଗୁଡ଼ିକର ବିକାଶକୁ ଉତ୍ସାହିତ କରି ଚିହ୍ନଟଯୋଗ୍ୟ ସୂଚନା ବ୍ୟବହାର କରିବା ଲାଗି ଗୁରୁତ୍ୱ ପ୍ରଦାନ କରାଯାଇଛି । ଗୋପନୀୟତା ନିୟମ ଏବଂ ନିୟମାବଳୀକୁ ପାଳନ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ।

ବ୍ୟକ୍ତିଗତ ତଥ୍ୟର ସ୍ୱୟଂଚାଳିତ ପ୍ରକ୍ରିୟାକରଣ ସମ୍ବନ୍ଧରେ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ସମ୍ମିଳନୀ ୧୯୮୧ ମସିହା ଆଜିର ଦିନରେ ୟୁରୋପ ପରିଷଦ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା । ୨୦୦୭ ମସିହାରେ ପ୍ରଥମେ ୟୁରୋପ ପରିଷଦ ଦ୍ୱାରା ଡାଟା ସୁରକ୍ଷା ଦିବସ ପାଳିତ ହୋଇଥିଲା ।

# ହକି

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ଟିମ୍ ଗୋନାସିକା ଓ ହାଇଦ୍ରାବାଦ୍ ତୁଫାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରାତି ୮ଟା ୧୫ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସୁମର ହକି କ୍ଲବ୍ ୫-୩ ଗୋଲ୍‌ରେ କଳିଙ୍ଗ ଲାନ୍ସର୍ସ୍‌କୁ ପରାସ୍ତ କରିଥିଲା । ଅନ୍ୟ ଏକ ମ୍ୟାଚ୍‌ରେ ଶ୍ରାଚି ରାର୍ ବେଙ୍ଗଲ ଟାଇଗର୍ସ୍ ୨-୧ ଗୋଲ୍‌ରେ ଦିଲ୍ଲୀ ଏସ୍.ଜି. ପାଇପର୍ସ୍‌କୁ ପରାସ୍ତ କରିଥିଲା ।

# ପାଣିପାଗ

ରାଜ୍ୟରେ ଆଗାମୀ ୩ ଦିନ ମଧ୍ୟରେ ତାପମାତ୍ରା ୨ ରୁ ୪ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସେହିପରି ଆଗାମୀ ୨ ଦିନ ରାଜ୍ୟର କେତେକ ସ୍ଥାନରେ ଘନକୁହୁଡ଼ି ହେବାର ସମ୍ଭାବନା ରହିଛି। କୁହୁଡି ହେବା ନେଇ ଆସନ୍ତା ୨୪ ଘଣ୍ଟା ପାଇଁ ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।